**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୨.୯୩ ● ପାଉଣ୍ଡ ୧୨୫.୬୧
- ୟୁରୋ ୧୦୯.୪୪ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୨,୩୫୦ (ଭୁବନେଶ୍ୱର)
- ରୁପା : ୨,୬୦,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୫୨୦.୦୦
- ନିଫ୍ଟି ୨୪,୩୬୪.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ମଇ ପ୍ରଥମ ସପ୍ତାହରେ ବଢ଼ିବ ପେଟ୍ରୋଲ-ଡିଜେଲ ଦର

ନୂଆଦିଲ୍ଲୀ,୨୦।୪(ଏଜେନ୍ସି):

ଖୁବ୍ ଶୀଘ୍ର ଦେଶରେ ତେଲ ଦରରେ ଏକ ବଡ଼ ପରିବର୍ତ୍ତନ ଘଟିବାକୁ ଯାଉଛି। ସମ୍ପ୍ରତି ରାଜ୍ୟଗୁଡିକରେ ଚାଲିଥିବା ବିଧାନସଭା ନିର୍ବାଚନ ପରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ଲିଟର ପିଛା ୧୫ ଟଙ୍କା ବୃଦ୍ଧି ଘଟିବାର ସମ୍ଭାବନା ରହିଛି। ମଧ୍ୟପ୍ରାଚ୍ୟ ସଙ୍କଟରେ ଯୋଗାଣ ବାଧାପ୍ରାପ୍ତ ହେବା ଯୋଗୁ ଦେଶରେ ତୈଳ ସମସ୍ୟା ଦେଖାଦେଇଛି। ଉତ୍ପାଦ ଶୁଳ୍କରେ ହ୍ରାସ ଜରିଆରେ ସରକାର ପେଟ୍ରୋଲ-ଡିଜେଲ ମୂଲ୍ୟ ସ୍ଥିର ରଖିବାକୁ ଚେଷ୍ଟା କରୁଥିଲେ ସୁଦ୍ଧା ପରିସ୍ଥିତି ବର୍ତ୍ତମାନ ନିୟନ୍ତ୍ରଣ ବାହାରେ। ତେବେ, ଏହା ବିଶ୍ୱାସ କରାଯାଉଛି ଯେ ଆସନ୍ତା ସପ୍ତାହରେ ରାଜ୍ୟଗୁଡିକରେ ନିର୍ବାଚନ ଶେଷ ହେବା ପରେ ପେଟ୍ରୋଲ-ଡିଜେଲ ମୂଲ୍ୟ ବୃଦ୍ଧି ହୋଇପାରେ। ଯଦି ଏପରି ହୁଏ, ତେବେ ଏହା ମୁଦ୍ରାସ୍ଫୀତିକୁ ମଧ୍ୟ ପ୍ରଭାବିତ କରିବ ଏବଂ ପରିବହନ ଖର୍ଚ୍ଚରେ ବୃଦ୍ଧି ଘଟାଇବ। ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ବୃଦ୍ଧି କରିଛି। ଏଥିଯୋଗୁ ଭାରତ ଭଳି ପ୍ରମୁଖ ତୈଳ ଆମଦାନୀକାରୀଙ୍କ ଉପରେ ଚାପ

**ପଶ୍ଚିମ ଏସିଆ ସଙ୍କଟ**

**ଡିଜେଲ ଦର ବଢ଼ିଲେ ମୁଦ୍ରାସ୍ଫୀତି ବଢ଼ିବ**

**ମହଙ୍ଗା ହେବ ବଜାର ଦର**



ବଢ଼ିବାରେ ଲାଗିଛି। ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ବ୍ୟାଙ୍କ ପକ୍ଷରୁ ପ୍ରସ୍ତୁତ ଏକ ରିପୋର୍ଟରେ କୁହାଯାଇଛି ଯେ ଯଦି ଚଳିତ ଆର୍ଥିକବର୍ଷରେ ଅଶୋଧିତ ତୈଳର ହାରାହାରି ମୂଲ୍ୟ ବ୍ୟାରେଲ ପିଛା ୯୫ ଡଲାର ରହେ, ତେବେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଲିଟର ପିଛା ୮ରୁ ୧୫ ଟଙ୍କା ବୃଦ୍ଧି ହେବାର ସମ୍ଭାବନା ରହିଛି। ଆହୁରିମଧ୍ୟ, ଯଦି ଅଶୋଧିତ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ୍ ୮୫ରୁ ୯୦ ଟଙ୍କା ମଧ୍ୟରେ ରହେ, ତେବେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୩ ରୁ ୭ଟଙ୍କା ବୃଦ୍ଧି ଘଟିବ। ସୋମବାର ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୯୬ ଡଲାର ରହିଥିଲା, ଯାହା ଘରୋଇ ବଜାରରେ ତେଲ ଦର ବୃଦ୍ଧି ଚାପକୁ ଆହୁରି ବଢ଼ାଇଦେଇଛି।

ଅପରପକ୍ଷେ ଦେଶରେ ଡିଜେଲ ଦରରେ ବୃଦ୍ଧି ସମଗ୍ର ବ୍ୟାବସାୟିକ କାରବାରରେ ଏକ ବଡ଼ ପରିବର୍ତ୍ତନ ଘଟାଇପାରେ। ଅପରପକ୍ଷେ ଅଲ୍ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସର କାର୍ଯ୍ୟନିର୍ବାହୀ ସଦସ୍ୟ ଶୈଳେନ୍ଦ୍ର ଗୁପ୍ତା କହିଛନ୍ତି ଯେ, ନିର୍ବାଚନ ପରେ ଡିଜେଲ ଦର ବୃଦ୍ଧି ପାଇବ। ବର୍ତ୍ତମାନ, ପ୍ରାୟ ୧୦ ପ୍ରତିଶତ ଟ୍ରକ୍ ନିଷ୍କ୍ରିୟ ଅବସ୍ଥାରେ ରହିଛି। ଯଦି ଡିଜେଲ ମୂଲ୍ୟ ବୃଦ୍ଧି ପାଏ, ତେବେ ଏହି ସଂଖ୍ୟା ୩୦ ପ୍ରତିଶତରେ ପହଞ୍ଚିପାରେ। ଅନେକ ସ୍ଥାନରେ ଡିଜେଲ ଯୋଗାଣ ଅନୌପଚାରିକ ଭାବରେ ସୀମିତ କରାଯାଉଛି। ପେଟ୍ରୋଲ ପମ୍ପଗୁଡ଼ିକ ଦ୍ୱାରା ବଡ଼ କ୍ରୟ ଉପରେ ପ୍ରଦାନ କରାଯାଉଥିବା ପୂର୍ବ ରିଆତି ମଧ୍ୟ ସମାପ୍ତ ହୋଇଛି, ଯାହା ଫଳରେ ଖର୍ଚ୍ଚ ଆହୁରି ବୃଦ୍ଧି ପାଇଛି। ଭାରତରେ ପ୍ରାୟ ୭୦% ମାଲ ପରିବହନ ସଡ଼କ ପଥରେ ହୋଇଥାଏ, ତେଣୁ ଡିଜେଲ ମୂଲ୍ୟ ଏବଂ ଉପଲବ୍ଧତା ସମଗ୍ର ଅର୍ଥନୀତି ପାଇଁ ଗୁରୁତ୍ୱପୂର୍ଣ୍ଣ। ନାୟାରା ଏନର୍ଜି ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପରି ଘରୋଇ ତୈଳ କମ୍ପାନୀଗୁଡ଼ିକ ପୂର୍ବରୁ ଇନ୍ଧନ ମୂଲ୍ୟ ବୃଦ୍ଧି କରିଛନ୍ତି କିମ୍ବା ଯୋଗାଣକୁ ସୀମିତ କରିଛନ୍ତି। ଏହା ସରକାରୀ ପେଟ୍ରୋଲ ପମ୍ପଗୁଡ଼ିକରେ ହଠାତ୍ ଚାହିଦା ବୃଦ୍ଧି ପାଇଛି।

**ଲେନ୍ସକାର୍ଟକୁ ମହଙ୍ଗା ପଡ଼ିଲା ବିନ୍ଦି-ତିଳକ ବିବାଦ**

# ସେୟାର ବଜାରରେ ବୁଡ଼ିଗଲା ୪୫୦୦ କୋଟି

ନୂଆଦିଲ୍ଲୀ,୨୦।୪(ଏଜେନ୍ସି): ଦେଶର ସବୁଠୁ ବଡ଼ ଚଷମା କମ୍ପାନୀ ଲେନ୍ସକାର୍ଟକୁ ବିନ୍ଦି ବା ଟିକିଲି, ତିଳକ ସମ୍ପର୍କିତ ବିବାଦ ବହୁତ ମହଙ୍ଗା ପଡ଼ିଛି। ଏହାର ସିଧାସଳଖ ପ୍ରଭାବ କମ୍ପାନୀର କାରବାର ଉପରେ ପଡ଼ିଛି। ଏଥିଯୋଗୁ ସୋମବାର ସେୟାର ବଜାରରେ କମ୍ପାନୀର ସେୟାର ମୂଲ୍ୟରେ ଅହେତୁକ ହ୍ରାସ ପାଇଥିବା ଦେଖିବାକୁ ମିଳିଛି। ଦିନକରେ ସେୟାର ବଜାରରେ କମ୍ପାନୀର ୪୫୦୦ କୋଟି ଟଙ୍କା ସ୍ୱାହା ହୋଇଛି। ନିକଟରେ କମ୍ପାନୀର ଏକ ପୁରୁଣା ଇଣ୍ଟରନାଲ ଗ୍ରୁମିଂ ପଲିସି ଅନଲାଇନରେ ଭାଇରାଲ୍ ହୋଇଥିଲା। ଏହା ଦେଖି ସମଗ୍ର ଦେଶରେ କମ୍ପାନୀ ପ୍ରତି ଅସନ୍ତୋଷର ମାହୋଲ ସୃଷ୍ଟି ହୋଇଥିଲା। ନିଜର ଅଜବ ପଲିସକୁ ନେଇ ଲେନ୍ସକାର୍ଟକୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଶେଷରେ କମ୍ପାନୀକୁ ଉକ୍ତ ପଲିସି ଉପରେ ରୋକ୍ ଲଗାଇବାକୁ ପଡ଼ିଛି। ଅଭିଯୋଗ ଅନୁଯାୟୀ, ଏହି ପଲିସିରେ କର୍ମଚାରୀଙ୍କୁ ବିନ୍ଦି ଓ ତିଳକ ଲଗାଇବା ଉପରେ ରୋକ୍ ଲଗାଯାଇଥିଲା। କିନ୍ତୁ ହିଜାବ ପିନ୍ଧିବାକୁ ଅନୁମତି ଦେଇଥିଲା କମ୍ପାନୀ। ସୋସିଆଲ ମିଡିଆରେ କମ୍ପାନୀକୁ ବୟକଟ୍ କରିବା ଦାବି ଜୋର ଧରିଥିଲା। ଏହାର ପରିଣାମସ୍ୱରୂପ ସେୟାର ବଜାରରେ କମ୍ପାନୀର ସେୟାର ମୂଲ୍ୟ ହ୍ରାସ ପାଇବାର ଲାଗିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ଲେନ୍ସକାର୍ଟ ସଲ୍ୟୁସନର ସେୟାରରେ ୫ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଛି। ଏହି କାରଣରୁ, କାରବାର ସମୟରେ କମ୍ପାନୀର ସେୟାର ମୂଲ୍ୟ ସର୍ବନିମ୍ନ ୫୦୮.୭୦ ଟଙ୍କାକୁ ଖସିଯାଇଛି।

# ଓପୋ ଏଫ୍୩୩ ସିରିଜ୍ ଉନ୍ମୋଚିତ

ଭୁବନେଶ୍ୱର,୨୦।୪(ସମିସ): ଓପୋ ଇଣ୍ଡିଆ ପକ୍ଷରୁ ଆଜି ଭାରତରେ ଓପୋ ଏଫ୍୩୩ ସିରିଜର ବଜାର ପ୍ରବେଶ କରାଯାଇଛି। ଏଥିରେ ଓପୋ ଏଫ୍୩୩ ପ୍ରୋ ୫ଜି ଓ ଓପୋ ଏଫ୍୩୩ ୫ଜି ସ୍ମାର୍ଟଫୋନ୍ ଉନ୍ମୋଚନ କରାଯାଇଛି। ଏଫ୍୩୩ ସିରିଜରେ ସେଗମେଣ୍ଟର ସର୍ବୋତ୍ତମ ୧୦୦ ଡିଗ୍ରୀ ଫିଲ୍ଡ ଅଫ୍ ଭ୍ୟୁ ସହ ୫୦ଏମ୍ପି ଅଲ୍ଟ୍ରା ୱାଇଡ ସେଲ୍ଫି କ୍ୟାମେରା, ୧୨୦ଏଚ୍‌ଜେଡ ସ୍ମାର୍ଟ ଆଡାପ୍ଟିଭ ରିଫ୍ରେଶ ରେଟ ସହ ୬.୫୭ ଇଞ୍ଚ ଫ୍ଲାଟ ଆମୋଲେଡ ଡିସ୍ପ୍ଲେ, ୧୪୦୦ ନିଟ୍ସ ପର୍ଯ୍ୟନ୍ତ ଲୋକାଲ ପିକ୍ ବ୍ରାଇଟନେସ୍, ୯୩.୫% ସ୍କ୍ରିନ-ଟୁ-ବଡି ରେସିଓ, ୧.୭ ଏମଏମ ଅଲ୍ଟ୍ରା-ଥିନ ବେଜେଲ,ଏଜିସି ଡିଟି-ଷ୍ଟାର ଡି+ ସ୍କ୍ରିନ ପ୍ରୋଟେକ୍ସନ, ଆଇପି୬୯କେ ଡ୍ୟୁରାବିଲିଟି, ବୃହତ ୭୦୦୦ ଏମଏଏଚ ବ୍ୟାଟେରୀ, କଲରଓଏସ ୧୬ ଓ ୫ଜି++ କନେକ୍ଟିଭିଟି ଭଳି ଫିଚର ରହିଛି। ଓପୋ ଏଫ୍୩୩ ପ୍ରୋ ଏପ୍ରିଲ ୨୩ରୁ ଅଫ୍ଲାଇନ ଷ୍ଟୋର, ଓପୋ ଇ ଷ୍ଟୋର, ଫ୍ଲିପକାର୍ଟ ଓ ଆମାଜନରେ ଉପଲବ୍ଧ ହେବ ଏବଂ ଏଫ୍୩୩ ମଡେଲ ଏପ୍ରିଲ ୨୯ ତାରିଖ ୨୦୨୬ରୁ ଉପଲବ୍ଧ ହେବ। ଗ୍ରାହକମାନେ ପ୍ରି-ବୁକ ଓ ପ୍ରଥମ ଦିନର ସେଲ୍ ସମୟରେ ବ୍ୟାଙ୍କ ରିହାତି କିମ୍ବା ଏକ୍ସଚେଞ୍ଜ ବୋନସ୍ ପାଇପାରିବେ ବୋଲି ଓପୋ ଇଣ୍ଡିଆର କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ ଗୋଲ୍ଡି ପଟ୍ଟନାୟକ କହିଛନ୍ତି।




**ଅକ୍ଷୟ ତୃତୀୟା ସେଲ୍**

# ଉଚ୍ଚ ଦରରେ ସୁନା ବେପାର ଫିଙ୍କା

ଭୁବନେଶ୍ୱର,୨୦।୪(ସମିସ): ସୋମବାର ହେଉଛି ସୁଖ ଆଉ ସମୃଦ୍ଧିର ଦିନ ପବିତ୍ର ଅକ୍ଷୟ ତୃତୀୟା। ଏହି ଦିନରେ କୌଣସି ଧାତବ ଜିନିଷ କିଣିବାକୁ ଓଡ଼ିଆ ଘରେ ମଙ୍ଗଳମୟ ବିବେଚନା କରାଯାଏ। ଅକ୍ଷୟ ତୃତୀୟାରେ ସୁନା କିଣିଲେ ଘରକୁ ଲକ୍ଷ୍ମୀ ଆସନ୍ତି ବୋଲି ସମସ୍ତଙ୍କର ଏକ ଧାରଣା ରହିଛି। ହେଲେ ବର୍ତ୍ତମାନ ବଜାରରେ ସୁନା ଓ ରୁପା ଦର ଯାହା ରହିଛି, ତାହା ଗ୍ରାହକଙ୍କ ସୁନା କିଣିବା ନେଇ ରହିଥିବା ଉତ୍ସାହକୁ ଫିକା ପକାଇଦେଇଛି। ଦର ଉଚ୍ଚ ରହିଥିବା ଯୋଗୁ ଦେଶରେ ଆଜି ସୁନା ବେପାର ପ୍ରାୟ ଅଧା ହୋଇଯାଇଥିବାବେଳେ ରାଜ୍ୟରେ ଏହା କେତେକାଂଶରେ ଭଲ ସ୍ଥିତିରେ ରହିଛି।

ଚଳିତବର୍ଷ ଘରୋଇ ବଜାରରେ ସୁନା ଓ ରୁପା ଦର ଯାହା ରହିଛି, ସେଥିରେ ଚଳିତଥର ଅକ୍ଷୟ ତୃତୀୟାରେ ସୁନା କିଣିବାକୁ ଗ୍ରାହକଙ୍କ ମଧ୍ୟରେ ସେତେଟା ଆଗ୍ରହ ପରିଲକ୍ଷିତ ହୋଇନାହିଁ। ଶୋ'ରୁମ୍‌ଗୁଡିକ ଦିନ ସାରା ଫାଙ୍କା ରହିଥିବାବେଳେ ସନ୍ଧ୍ୟା ବେଳକୁ କେତେକାଂଶରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଯଦି ଆମେ ହିସାବ ଦେଖିବା, ତେବେ ଗତବର୍ଷ ତୁଳନାରେ ଚଳିତବର୍ଷ ସୁନା ଦର ପାଖାପାଖି ଦେଢ଼ ଗୁଣରୁ ଅଧିକ ରହିଛି। ଏଥର ଅକ୍ଷୟ ତୃତୀୟାରେ ସୁନା ଦର ୧୦ ଗ୍ରାମ ପିଛା ଗତ ବର୍ଷ ତୁଳନାରେ ୫୨,୬୫୦ ଟଙ୍କା ଅଧିକ ରହିଛି। ସେହିପରି ଚଳିତବର୍ଷ ରୁପା ମୂଲ୍ୟ ଗତ ବର୍ଷ ତୁଳନାରେ ଅଢ଼େଇ ଗୁଣରୁ ଅଧିକ ବୃଦ୍ଧି ହୋଇ ସବୁ ରେକର୍ଡ ଭାଙ୍ଗିଛି। ରୁପା ମୂଲ୍ୟ କିଲୋ ପିଛା ୨୦୨୫ ତୁଳନାରେ ଏଥର ଅକ୍ଷୟ ତୃତୀୟାରେ ୧,୬୨,୦୪୦ ଟଙ୍କା ବୃଦ୍ଧି ଘଟିଛି। ତେଣୁ ସୁନା ଓ ରୁପାର ଉଚ୍ଚ ମୂଲ୍ୟରେ ଏଥର ବଜାରରେ କାରବାର ଜମିନାହିଁ। ତଥାପି ଉଚ୍ଚ ମୂଲ୍ୟ ରହିଥିବା ଯୋଗୁ ଏଥର ଅକ୍ଷୟ ତୃତୀୟାରେ ରାଜଧାନୀ ଭୁବନେଶ୍ୱରରେ ୧୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସୁନା ବିକ୍ରି ହୋଇଛି। ଅପରପକ୍ଷେ ଅକ୍ଷୟ ତୃତୀୟାରେ ଦେଶରେ ପାଖାପାଖି ୨୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ସୁନା କାରବାର ହୋଇଥିବା ଜଣାଯାଇଛି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ଏମ୍‌ଡି ମିତେଶ ଖିମ୍‌ଜୀ କହିଛନ୍ତି ଯେ, ଚଳିତବର୍ଷ ଅକ୍ଷୟ ତୃତୀୟା ଦୁଇ ଦିନ ପଡ଼ିଥିଲା। ତେଣୁ ଏଥର ଲୋକେ ଦୁଇ ଦିନ ଯାକ ସୁନା କିଣିଛନ୍ତି। ହେଲେ ଏଥର ସୁନା ସହ ହୀରା ଅଳଙ୍କାର କାରବାର ଭଲ ରହିଛି। ଏହି ଦୁଇ ଦିନରେ ଗତ ବର୍ଷ ତୁଳନାରେ ସୁନା କାରବାର ୨୫-୨୯%ଏବଂ ହୀରାରେ ୧୫% ଅଭିବୃଦ୍ଧି ଆଶା ରଖିଛୁ।

ସୋମବାର ଅକ୍ଷୟ ତୃତୀୟା ଅବସରରେ ରାଜଧାନୀ ଭୁବନେଶ୍ୱରର ଛୋଟ ବଡ ପାଖାପାଖି ୨୦୦ରୁ ଅଧିକ ଶୋ' ରୁମ୍‌ରେ ସଜେଇ ହୋଇ ରହିଥିଲା। ଉଚ୍ଚ ଦରକୁ ନଜରରେ ବିଭିନ୍ନ ଶୋ' ରୁମ୍ ପକ୍ଷରୁ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫରମାନ ଘୋଷଣା କରାଯାଇଥିଲା। କେବଳ ରାଜଧାନୀ ଭୁବନେଶ୍ୱର କାହିଁକି ରାଜ୍ୟର କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ଅନୁଗୋଳ ଏବଂ ବାଲେଶ୍ୱର ଆଦି ସହରରେ ସୁନା କାରବାର ସାମାନ୍ୟ ରହିଥିଲା। ଗତବର୍ଷ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୯,୭୦୦ ଟଙ୍କା ଏବଂ ରୁପା କିଲୋ ୯୭,୯୬୦ ଟଙ୍କା ରହିଥିଲା। ହେଲେ ଚଳିତବର୍ଷ ସୁନା ଓ ରୁପା ମୂଲ୍ୟ ଗତ ବର୍ଷ ତୁଳନାରେ ଢ଼େର ଅଧିକ ରହିଛି। ଏଥର ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୨,୩୫୦ ଟଙ୍କା ଏବଂ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ରହିଛି। ଆହୁରି ମଧ୍ୟ ଉଚ୍ଚ ଦରରେ ଅନେକ ଗ୍ରାହକ ଆଗକୁ ସୁନା ଦର ହ୍ରାସକୁ ଅପେକ୍ଷା କରି କିଣାକିଣିରୁ ବିରତ ରହିଛନ୍ତି।



**ଦେଶରେ ଅଧା ହୋଇଗଲା ବିକ୍ରି**

**ରାଜ୍ୟରେ କାରବାର ୨୫% ବଢ଼ିଲା**

**ବର୍ଷକରେ ସୁନା ଦେଢ଼ ଗୁଣରୁ ଅଧିକ ମହଙ୍ଗା**

**୩ ଗୁଣ ଅଧିକ ବଢ଼ିଛି ରୁପା ମୂଲ୍ୟ**

**ଓଲଟା ପଡିଲା ଟାରିଫ୍ ପ୍ଲାନ୍**

# ଶୁଳ୍କ ଅର୍ଥ ଫେରସ୍ତ କରିବେ ଟ୍ରମ୍ପ୍

ୱାଶିଂଟନ୍, ୨୦।୪(ଏଜେନ୍ସି): ଗତ ବର୍ଷ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଏବଂ ଚୀନ୍ ସମେତ ବିଶ୍ୱର ଅନେକ ଦେଶ ଉପରେ ୨୫% ରୁ ୫୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରିଥିଲେ। ପରେ ଆମେରିକାର ସୁପ୍ରିମକୋର୍ଟ ଏହି ନିଷ୍ପତ୍ତିଗୁଡ଼ିକୁ ଅସାମ୍ବିଧାନିକ ଘୋଷଣା କରିଥିଲେ। ଟ୍ରମ୍ପଙ୍କ ଟାରିଫ୍ ନୀତି ଏବେ ଆମେରିକା ପାଇଁ ଓଲଟା ପଡିଛି। ଫଳସ୍ୱରୂପ, ଆମେରିକା

**ସ୍ୱତନ୍ତ୍ର ଅନଲାଇନ୍ ପୋର୍ଟାଲ୍ ଆରମ୍ଭ**

ସରକାର ଏବେ କୋଟି କୋଟି ଡଲାରର ଟାରଇଫ୍ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛି। ଏଥିପାଇଁ ଟ୍ରମ୍ପ୍ ପ୍ରଶାସନ ଏକ ସ୍ୱତନ୍ତ୍ର ଅନଲାଇନ୍ ପୋର୍ଟାଲ୍ ଆରମ୍ଭ କରିଛନ୍ତି। ଏହା ଆମେରିକାର ଇତିହାସରେ ସବୁଠାରୁ ବଡ଼ ଶୁଳ୍କ ଫେରସ୍ତ ଅଭିଯାନ ହେବାକୁ ଯାଉଛି।

ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଟାରିଫ୍ ଏହି ନୀତିଗୁଡ଼ିକୁ ରଦ୍ଦ କରିଥିଲେ। କୋର୍ଟଙ୍କ ନିଷ୍ପତ୍ତି ପରେ ସରକାର ବର୍ତ୍ତମାନ ସେହି ଶୁଳ୍କ ଅର୍ଥ ଫେରସ୍ତ କରୁଛନ୍ତି। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ପ୍ରଭାବିତ କମ୍ପାନୀ ଏବଂ ଆମଦାନୀକାରୀମାନେ ନୂତନ ଭାବରେ ଆରମ୍ଭ ହୋଇଥିବା ପୋର୍ଟାଲ୍ ମାଧ୍ୟମରେ ଫେରସ୍ତ ପାଇଁ ଆବେଦନ କରିପାରିବେ। ପ୍ରକ୍ରିୟାକୁ ସରଳ ଏବଂ ସ୍ୱଚ୍ଛ କରିବା ପାଇଁ ଏକ ଡିଜିଟାଲ୍ ସିଷ୍ଟମ୍ ବିକଶିତ କରାଯାଇଛି, ଯାହା ଦ୍ୱାରା ଦାବି ପ୍ରକ୍ରିୟାକୁ ଦ୍ରୁତତର କରାଯାଇପାରିବ। ଏହି ନିଷ୍ପତ୍ତି ହଜାର ହଜାର କମ୍ପାନୀ, ବିଶେଷକରି ଆନ୍ତର୍ଜାତୀୟ ବାଣିଜ୍ୟରେ ନିୟୋଜିତ ବ୍ୟବସାୟଗୁଡ଼ିକୁ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ଆଶା କରାଯାଉଛି ଯେଉଁମାନଙ୍କୁ ଭାରୀ ଶୁଳ୍କ ଦେବାକୁ ପଡ଼ିଥିଲା। ଏହା ସେମାନଙ୍କର ଆର୍ଥିକ ଚାପକୁ କମ କରିବ ଏବଂ ବ୍ୟବସାୟିକ କାର୍ଯ୍ୟକଳାପକୁ ବୃଦ୍ଧି କରିବ। ଆମେରିକାର କଷ୍ଟମ୍ସ ଏବଂ ସୀମା ସୁରକ୍ଷା (ସିବିପି) ଏକ ସ୍ୱତନ୍ତ୍ର ଅନଲାଇନ୍ ପୋର୍ଟାଲ୍ ଆରମ୍ଭ କରିଛି, ଯାହା ମାଧ୍ୟମରେ ଆମଦାନିକାରୀମାନେ ସୋମବାର ସକାଳଠାରୁ ସେମାନଙ୍କର ଟାରଇଫ୍ ଅର୍ଥ ଫେରସ୍ତ ଦାବି ଦାଖଲ କରିପାରିବେ। ଏହା ଫେରସ୍ତ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଏତେ ବଡ଼ ପରିମାଣର ଫେରସ୍ତ ଆମେରିକାର ବ୍ୟବସାୟିକ ପରିବେଶ ଉପରେ ସକାରାତ୍ମକ ପ୍ରଭାବ ପକାଇବ। କମ୍ପାନୀଗୁଡ଼ିକ ପାଇଁ ଉପଲବ୍ଧ ଅତିରିକ୍ତ ପୁଞ୍ଜି ନିବେଶ ଏବଂ ସମ୍ପ୍ରସାରଣ ସୁଯୋଗ ବୃଦ୍ଧି କରିବ। ଏହି ପଦକ୍ଷେପ ଆମେରିକାରେ ବାଣିଜ୍ୟ ନୀତିଗୁଡ଼ିକର ଆଇନଗତ ଯାଞ୍ଚର ଗୁରୁତ୍ୱକୁ ମଧ୍ୟ ପ୍ରଦର୍ଶିତ କରୁଛି। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ସରକାରଙ୍କ ମତ ସୂଚାଇ ଦିଏ ଯେ ବିବାଦୀୟ ନୀତିଗୁଡ଼ିକୁ ପ୍ରତ୍ୟାହାର କରି ପ୍ରଭାବିତ ପକ୍ଷମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରାଯାଇପାରେ। ଏବେ ସମସ୍ତଙ୍କ ନଜର ରିଫଣ୍ଡ ପ୍ରକ୍ରିୟା କେତେ ଶୀଘ୍ର ଏବଂ ସ୍ୱଚ୍ଛ ଭାବରେ ସମାପ୍ତ ହେଉଛି ତାହା ଉପରେ ରହିବ। ଏହାବ୍ୟତୀତ, ଭବିଷ୍ୟତ ବାଣିଜ୍ୟ ନୀତିଗୁଡ଼ିକୁ ଅଧିକ ସନ୍ତୁଳିତ ଏବଂ ଆଇନଗତ ଭାବରେ ସୁଦୃଢ଼ କରିବାରେ ଏହି ମାମଲା ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇପାରେ।

ତେବେ ପୋର୍ଟାଲ୍‌ରେ ଆବେଦନ ପରେ କେଉଁମାନେ ଟଙ୍କା ପାଇବେ ଏବଂ କିଏ ଯୋଗ୍ୟ ହେବେ ତାହା ଏବେ ବଡ଼ କଥା। ଏହା ଅନୁଯାୟୀ ଦାବି କରିବା ପରେ ସମସ୍ତେ ତୁରନ୍ତ ଟଙ୍କା ପାଇବେ ନାହିଁ। ପ୍ରାରମ୍ଭିକ ପର୍ଯ୍ୟାୟରେ କିଛି ନିୟମ ସ୍ଥିର କରାଯାଇଛି। ବର୍ତ୍ତମାନ, କେବଳ ସେହି ଆମଦାନିକାରୀ ଏବଂ ସୀମା ଶୁଳ୍କ ବ୍ରୋକରମାନେ ଅର୍ଥ ଦାବି କରିପାରିବେ ଯେଉଁମାନେ ଟ୍ରମ୍ପଙ୍କ 'ଜରୁରୀକାଳୀନ କ୍ଷମତା' ଅଧୀନରେ ଶୁଳ୍କ ପ୍ରଦାନ କରିଛନ୍ତି। ତଥ୍ୟ ଅନୁଯାୟୀ, ପ୍ରାୟ ୩.୩୦ ଲକ୍ଷ ଆମଦାନିକାରୀ ୫୩ ନିୟୁତ ରପ୍ତାନି ଉପରେ ପ୍ରାୟ ୧୪ ଲକ୍ଷ କୋଟି ଟଙ୍କାର ଶୁଳ୍କ ପ୍ରଦାନ କରିଛନ୍ତି। ତଥାପି, ଏ ପର୍ଯ୍ୟନ୍ତ କେବଳ ୫୬,୫୦୦ ଆମଦାନିକାରୀ ଏଥିପାଇଁ ଆବଶ୍ୟକୀୟ ଇଲେକ୍ଟ୍ରୋନିକ୍ ପଞ୍ଜୀକରଣ ସମାପ୍ତ କରିଛନ୍ତି।




**ଛତିଶଗଡ଼ ବଏଲର ଦୁର୍ଘଟଣା**

# ଅନିଲ ଅଗ୍ରୱାଲଙ୍କ ନାମରେ ମାମଲା ବିରୁଦ୍ଧରେ ଶିଳ୍ପ ନେତା, ସର୍ବସାଧାରଣ ଏକାଠି

ଭୁବନେଶ୍ୱର, ୨୦।୪ (ସମିସ): ଛତିଶଗଡ଼ରେ ଘଟିଥିବା ଦୁଃଖଦ ବଏଲର ଦୁର୍ଘଟଣା ପରେ ତାଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା ଏଫ୍‌ଆଇଆର୍ ଉପରେ ଶିଳ୍ପ ନେତୃବୃନ୍ଦଙ୍କଠାରୁ ସର୍ବସାଧାରଣ ସମସ୍ତେ ତୀବ୍ର ପ୍ରଶ୍ନ ଉଠାଇଛନ୍ତି। ଜିନ୍ଦଲ ଷ୍ଟିଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ କିରଣ ବେଦୀ ମଧ୍ୟ ଏହି ଘଟଣାରେ ଶ୍ରୀ ଅଗ୍ରୱାଲଙ୍କ ସହ ଦୃଢ଼ ଭାବରେ ଛିଡାହୋଇଛନ୍ତି। ସେମାନେ ଏହି ଦୁର୍ଘଟଣାରେ ପ୍ରାଣହାନି ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହ ଏକ ସମ୍ପୂର୍ଣ୍ଣ ଏବଂ ନିରପେକ୍ଷ ତଦନ୍ତ ପାଇଁ ଆହ୍ୱାନ କରିଛନ୍ତି। ଶ୍ରୀ ଜିନ୍ଦଲ କହିଛନ୍ତି, ଛତିଶଗଡର ଦୁର୍ଘଟଣା ଗଭୀର ଯନ୍ତ୍ରଣାଦାୟକ। ୨୦ ପରିବାର ସବୁକିଛି ହରାଇଛନ୍ତି। ଉପଯୁକ୍ତ କ୍ଷତିପୂରଣ, ପରିବାର ପାଇଁ ଜୀବିକା ସହାୟତା ଏବଂ ଏକ ସମ୍ପୂର୍ଣ୍ଣ ତଦନ୍ତ ଆଲୋଚନାଯୋଗ୍ୟ ନୁହେଁ। ସୋସିଆଲ ମିଡିଆ ପୋଷ୍ଟରେ କଠୋର ଶବ୍ଦ ବ୍ୟବହାର କରି ଜିନ୍ଦଲ ଏହି କଥାକୁ ଖଣ୍ଡନ କରି ଲେଖିଛନ୍ତି ଯେଉଁ କୌଣସି ତଦନ୍ତ ଗୁରୁତର ଚିନ୍ତା ସୃଷ୍ଟି କରିବା ପୂର୍ବରୁ ଏଫଆଇଆରରେ ଶ୍ରୀ ଅଗ୍ରୱାଲ ଜୀଙ୍କ ନାମ ନେବା ସେହି ପ୍ଲାଣ୍ଟର କାର୍ଯ୍ୟରେ ତାଙ୍କର କୌଣସି ଭୂମିକା ନ ଥିଲା। ପୂର୍ବତନ ଲ୍ୟିଟୁନାଣ୍ଟ ଗଭର୍ଣ୍ଣର ଏବଂ ଉଚ୍ଚ ପୋଲିସ ଅଧିକାରୀ କିରଣ ବେଦୀ ଅକାଳ ନିଷ୍ପତ୍ତି ବିରୁଦ୍ଧରେ ସତର୍କ ରହିବାକୁ ଅନୁରୋଧ କରିଛନ୍ତି। ବେଦାନ୍ତ ଏକ ଜାତୀୟ ସମ୍ପତ୍ତି। ଆମକୁ ଆମର ଦୃଷ୍ଟିକୋଣରେ ବହୁତ ସତର୍କ ରହିବାକୁ ପଡିବ। ପଦ୍ମଶ୍ରୀ ଏବଂ ଆରିନ କ୍ୟାପିଟାଲର ଅଧ୍ୟକ୍ଷ ମୋହନଦାସ ପାଇ ସ୍ପଷ୍ଟ ଭାବରେ କହିଛନ୍ତି, ଏଫଆଇଆର ଦାୟର କରିବା ବହୁତ ଭୁଲ, ଦାୟୀ ନୁହେଁ ବୋଲି ଜଣେ ବ୍ୟକ୍ତିଙ୍କ ଉପରେ ଦୋଷୀ ଦାୟିତ୍ୱ ସ୍ଥିର ରାଯାଇପାରିବ ନାହିଁ। କର୍ପୋରେଟ୍ ଏବଂ ଆଇନଗତ ପରାମର୍ଶଦାତା ଅକ୍ଷତ ଖୈତାନ ଏହାକୁ ଯଥାର୍ଥ ପ୍ରକ୍ରିୟା ଏବଂ ନିବେଶକଙ୍କ ବିଶ୍ୱାସ ଉପରେ ଏକ ସିଧାସଳଖ ଆକ୍ରମଣ, ଏହା ଶାସନ ନୁହେଁ, ଏହା ଭୟଭୀତ କରିବା ବୋଲି କହିଛନ୍ତି। କେଡିଆ ସିକ୍ୟୁରିଟିଜର ପ୍ରତିଷ୍ଠାତା ବିଜୟ କେଡିଆ ଏକ ସ୍ପଷ୍ଟ ତୁଳନା ମାଧ୍ୟମରେ ଏହି ଅସଙ୍ଗତିକୁ ପ୍ରକାଶ କରିଛନ୍ତି। ଉତ୍ତରଦାୟିତ୍ୱ ସ୍ଥିର ହେବା ଉଚିତ, ଚୟନମୂଳକ ନୁହେଁ ବୋଲି ସେ କହିଛନ୍ତି।

**ମଧ୍ୟ ପ୍ରାଚ୍ୟ ସଙ୍କଟର ପ୍ରଭାବ**

# ଭିତ୍ତିଭୂମି ଅଭିବୃଦ୍ଧି ଧିମେଇଲା

ନୂଆଦିଲ୍ଲୀ,୨୦।୪(ଏଜେନ୍ସି):

ମଧ୍ୟ ପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଘନଘଟାର ପ୍ରଭାବ ଦେଶର ବିଭିନ୍ନ କ୍ଷେତ୍ର ଉପରେପ ଡିବାରେ ଲାଗିଛି। ଏଥିଯୋଗୁ ଏବେ ମନ୍ଥର ପଡିଲାଣି ଭିତ୍ତିଭୂମି କ୍ଷେତ୍ର। ମାର୍ଚ୍ଚରେ

**ମାର୍ଚ୍ଚରେ ୦.୪% ହ୍ରାସ**

**ବିଗତ ୨ ବର୍ଷରେ ସବୁଠୁ କମଜୋର ପ୍ରଦର୍ଶନ**

**କୋଇଲା, ଅଶୋଧିତ ତୈଳ, ସାର ଓ ବିଜୁଳି ଉତ୍ପାଦନ ପ୍ରଭାବିତ**

ଦେଶର ୮ଟି ପ୍ରମୁଖ ଶିଳ୍ପ କ୍ଷେତ୍ରରେ ଉତ୍ପାଦନ ୦.୪% ପ୍ରତିଶତ ହ୍ରାସ ପାଇଛି। କୋଇଲା, ଅଶୋଧିତ ତୈଳ, ସାର ଏବଂ ବିଦ୍ୟୁତ ଉତ୍ପାଦନରେ ହ୍ରାସ ଯୋଗୁଁ ଭିତ୍ତିଭୂମି କ୍ଷେତ୍ର ଧିମେଇ ଯାଇଛି। ଗତ ୫ ମାସ ମଧ୍ୟରେ କୋର ଶିଳ୍ପ ଉତ୍ପାଦନରେ ଏହା ପ୍ରଥମ ହ୍ରାସ। ଚଳିତବର୍ଷ ଫେବୃଆରୀ ରେ, ୮ଟି ପ୍ରମୁଖ ଶିଳ୍ପରେ ଉତ୍ପାଦନ ୨.୮% ପ୍ରତିଶତ ବୃଦ୍ଧି ପାଇଥିଲା। ଆର୍ଥିକ ବର୍ଷ ୨୦୨୫-୨୬ରେ ପ୍ରମୁଖ କ୍ଷେତ୍ରଗୁଡିକର ଅଭିବୃଦ୍ଧି ୨.୬ ପ୍ରତିଶତକୁ ହ୍ରାସ ପାଇଛି। ଅପରପକ୍ଷେ ଆର୍ଥିକ ବର୍ଷ ୨୦୨୪-୨୫ରେ ପ୍ରମୁଖ ଶିଳ୍ପ କ୍ଷେତ୍ରଗୁଡ଼ିକରେ ଉତ୍ପାଦନ ୪.୫ ପ୍ରତିଶତ ବୃଦ୍ଧି ପାଇଛି। ତେବେ ମାର୍ଚ୍ଚରେ ୮ଟି ମୁଖ୍ୟ ଶିଳ୍ପ କ୍ଷେତ୍ରର ମିଳିତ ସୂଚକାଙ୍କ ବର୍ଷସାରା ୦.୪% ପ୍ରତିଶତ ହ୍ରାସ ପାଇଛି। ଏହା ପ୍ରାୟ ବିଗତ ଦୁଇ ବର୍ଷ ମଧ୍ୟରେ ସବୁଠାରୁ ଦୁର୍ବଳ ପ୍ରଦର୍ଶନ।

ଏହା ଫେବୃଆରୀରେ ରେକର୍ଡ ହୋଇଥିବା ୨.୮ ପ୍ରତିଶତ ଅଭିବୃଦ୍ଧିଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ଏହି ହ୍ରାସ ମୁଖ୍ୟତଃ ସାର, ଅଶୋଧିତ ତୈଳ, କୋଇଲା ଏବଂ ବିଦ୍ୟୁତ କ୍ଷେତ୍ରରେ ଦୁର୍ବଳ ପ୍ରଦର୍ଶନ ଯୋଗୁଁ ହୋଇଥିଲା, ଯେଉଁଥିରେ ମାସ ମଧ୍ୟରେ ସମସ୍ତ କ୍ଷେତ୍ରରେ ନକାରାତ୍ମକ ଅଭିବୃଦ୍ଧି ରେକର୍ଡ କରାଯାଇଛି। ଏହି ୮ଟି ପ୍ରମୁଖ ଶିଳ୍ପ କ୍ଷେତ୍ର ହେଉଛି କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ, ରିଫାଇନାରୀ ଉତ୍ପାଦ, ସାର, ଇସ୍ପାତ, ସିମେଣ୍ଟ ଏବଂ ବିଦ୍ୟୁତ। ଏହା ଦେଶର ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି)ର ୪୦ ପ୍ରତିଶତକୁ ଧାରଣ କରୁଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ବିଶ୍ୱ ଶକ୍ତି ଯୋଗାଣକୁ ବାଧାପ୍ରାପ୍ତ କରିଛି। ଏହାର ପ୍ରଭାବ ମାର୍ଚ୍ଚ ମାସର ଭିତ୍ତିଭୂମି ଅଭିବୃଦ୍ଧି ସମ୍ପର୍କିତ ତଥ୍ୟରେ ସ୍ପଷ୍ଟ ଭାବରେ ଦେଖାଯାଉଛି।



